# Akashvani, Sambalpur

## SAMBALPURI NEWS BULLETIN

### 4 January 2025- 6.47- 6.52 am.

*********************************************

ରାଜ୍ୟ କେବିନେଟ୍        ସିଏମ୍‌ଓ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ସଞ୍ଜ୍‌ବେଲେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ରାଜ୍ୟ କେବିନେଟ୍‌ର ବୈଠକ୍ ବସିଥିଲା । ବୈଠକ୍‌ଥି ୯ ଟା ବଡ଼ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲିଛେ । କେବିନେଟ୍ ନିଷ୍ପତି ଅନ୍‌ସାରେ ୨୦୨୫ ମାର୍ଚ୍ଚ ୩୧ ତକ୍ ସୁଭଦ୍ରା ଯୋଜ୍‌ନାଥି ଆବେଦନ୍ କରିଥିବା ହିତାଧିକାରୀମାନ୍‌କୁ ଥର୍‌କେ ୨ ଟା କିସ୍ତିର୍ ସାହାଜ୍ ମିଲ୍‌ବା । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯନ୍ତ୍ରପାତି ଯୋଜ୍‌ନାକେ ଅନୁମୋଦନ୍ ଦିଆଯାଇକରି ୫ ବଛର୍‌ଥି ୮ ଶହ ୭୪ କୋଟି ଟଙ୍କା ଖର୍ଚ୍ଚା କରାଯିବା ।  ୮୦ ବଛର୍‌ନୁ ଅଏତକା ବୟସର୍ ଲୋକ୍ ଆର୍ ୮୦ ପ୍ରତିଶତ୍‌ନୁ ଅଏତ୍‌କା ଦିବ୍ୟାଙ୍ଗ ମାନ୍‌କୁ ୩୫ ଶହ ଟଙ୍କା ଭତା ଦିଆଯିବାର୍ ବାଗିର୍ ପ୍ରସ୍ତାବ୍‌ଥି କେବିନେଟ୍ ମୋହର୍ ଲାଗିଛେ ।

ଜାତୀୟ ସଡ଼କ୍ ସୁରକ୍ଷା ମାସ ଆର୍‌ଏନ୍‌ୟୁ / ସମ୍ବଲପୁର

ଜାତୀୟ ସଡ଼କ୍ ସୁରକ୍ଷା ମାସ ପାଲନ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ମହାତ୍ମାଗାନ୍ଧୀ ମାର୍ଗ ଠାନେ ରାଜ୍ୟସ୍ତରୀୟ ମହୋତ୍ସବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଉଦ୍‌ଘାଟନ୍ କର୍‌ବେ । ସଡ଼କ୍ ସୁରକ୍ଷା ସଚେତନତା ଲାଗି ଆଏଜ୍ ସଖାଲେ ମାଷ୍ଟର୍ କେଂଟିନ୍ ଛକୁ ଶ୍ରୀରାମ୍ ମନ୍ଦିର୍‌ତକ୍ ଗୁଟେ ପଦଯାତ୍ରାର୍ ଆୟୋଜନ୍ କରାଯାଇଛେ ।

ରାଇଡ୍ ବୁକିଂ ଆପ ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ପହେଲା ନିଜର୍ ରାଇଡ୍ ବୁକିଂ ଆପ୍- ଓଡ଼ିଶା ଯାତ୍ରୀର୍ ଶୁଭାରମ୍ଭ କର୍‌ବେ । ଆଏଜ୍ ସଖାଲ୍‌ବେଲା ଭୁବ୍‌ନେଶ୍ୱର୍ ମାଷ୍ଟର୍ କେଂଟିନ୍ ଛକ୍ ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଇତାର୍ ଶୁଭାରମ୍ଭ କର୍‌ବେ । ଯାତ୍ରୀମାନେ ଇ ଆପ୍ ଜରିଏ ଅତି ସହଜେ ଆର୍ କମ୍ ଦାମ୍‌ଥି କେବ୍ ଆର୍ ଅଟୋ ବୁକ୍ କରିପାର୍‌ବେ ।

ଖୋ ଖୋ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ୩ ବଛର୍‌ତକ୍ ଜାତୀୟ ଖୋ ଖୋ ଟିମ୍‌କେ ରାଜ୍ୟ ସର୍‌କାର୍ ସବୁ ପ୍ରକାର୍ ଆର୍ଥିକ୍ ସାହାଜ୍ ଦେବେ । ସାହାଜ୍ ଦେବାର୍ ସମିଆ ୨୦୨୫ ଜାନୁଆରୀ ନୁ ୨୦୨୭ ଡିସେମ୍ବର୍‌ତକ୍ ରହେବା । ଇଥିର୍‌ଲାଗି ବଛର୍‌କ ୫ କୋଟି ଟଙ୍କା ଲେଖା ଖର୍ଚ୍ଚା ହେବା ଆର୍ ଇ ଟଙ୍କା ଓଡ଼ିଶା ଖଣି ନିଗମ୍ ଦେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୂଚ୍‌ନା ଦେଇଛନ୍ ।

ରାଜ୍ୟ ଅର୍ଥ ବିଭାଗ୍-ପରାମର୍ଶ      I&PR

ରାଜ୍ୟ ଅର୍ଥ ବିଭାଗ୍ ୨୦୨୫-୨୬ ଆର୍ଥିକ୍ ବଛ୍‌ରର୍ ବଜେଟ୍ ବନାବାର୍ ଲାଗି ରାଜ୍ୟବାସୀଙ୍କୁ ଗୁଟେ ଖାସ୍ ୱେବ୍‌ପୋର୍ଟାଲ୍, ଇ-ମେଲ୍, ୱାଟ୍‌ସ୍‌ଆପ୍, ଏସ୍‌ଏମ୍‌ଏସ୍ ଜରିଏ ପରାମର୍ଶ ମାଗିଛେ । budget.odisha.gov.in/ୱେବ୍‌ସାଇଟ୍‌ଥି କେନ୍ତା ପରାମର୍ଶ ଦେବେ ସେବାବ୍‌ଦେ ଟିକିନିଖି ତଥ୍ୟ ମିଲିପାର୍‌ବା । ଲୋକ୍‌ମାନେ odisha.budget@gov.in ଥି ମେଲ୍ କରିପାର୍‌ବେ ଆର୍ ୯୪୩୮୧୬୧୧୧୧ ଥି ୱାଟ୍‌ସ୍‌ଆପ୍ ଆର୍ ଏସ୍‌ଏମ୍‌ଏସ୍ କରିପାର୍‌ବେ । ସେନ୍ତା ସାମାଜିକ୍ ଗଣମାଧମ୍ ଏକ୍ସ, ଫେସ୍‌ବୁକ୍ ଆର୍ ଇନ୍‌ଷ୍ଟାଗ୍ରାମ୍

ଜରିଏ ଭିଲ୍ ପରାମର୍ଶ ପଠେଇପାର୍‌ବେ ବଲି ଅର୍ଥ ବିଭାଗ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ଓଡ଼ିଶା ଚାଉଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶାର୍ ବାସ୍ନା ଚାଉଲ୍ ଦୁବାଇକେ ଯିବା । ଇ ବାବ୍‌ଦେ ଓଡ଼ିଶାର୍ ଗୁଟେ ଘରୋଇ କମ୍ପାନୀ ଆର୍ ଦୁବାଇର୍ ଦୁଇଟା କମ୍ପାନୀ ଭିତ୍‌ରେ ଗୁଟେ ଚୁକ୍ତିନାମା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଉପସ୍ଥିତିଥି ହେଇଛେ । ଦୁବାଇର୍ ୨ ଟା ସଂସ୍ଥା ଆର୍ ଓଡ଼ିଶାର୍ କୃଷି ବିଭାଗ୍ ଭିତ୍‌ରେ ଭିଲ୍ ଚୁକ୍ତିନାମାଟେ ହେଇଛେ ।

ବିଶ୍ୱ ବ୍ରେଲି ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ବ୍ରେଲି ଦିବସ୍ । ଦୃଷ୍ଟିବାଧିତ ମାନ୍‌କର୍ ଲାଗି ଅକ୍ଷର୍ ଚିହ୍ନବାର୍, ପଢ଼୍‌ବାର୍ ଲାଗି ବ୍ରେଲିର ବେଭାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ସାରା ପୁର୍‌ଥି ନ ଆଝିର୍ ଦିନ୍‌କେ ବିଶ୍ୱ ବ୍ରେଲି ଦିବସ୍ ଭାବେ ପାଲନ୍ କରାଯାଉଛେ । ଦୃଷ୍ଟିବାଧିତ ମାନ୍‌କର୍ ଲାଗି ମାନବିକ ଅଧିକାର୍‌ର ପୂର୍ଣ୍ଣ ହୃଦୟଙ୍ଗମ କର୍‌ବାର୍‌କେ ଯୋଗାଯୋଗ୍‌ର ମାଧମ୍ ଭାବେ ବ୍ରେଲିର୍ ବଡ଼

ଭୂମିକା ରହିଛେ । ଜାତିସଂଘର୍ ସାଧାରଣ ସଭାଥି ୨୦୧୮ ମସିହାଥି ଇ ଦିବସ୍ ପାଲନ୍ ଲାଗି ନିଷ୍ପତି ନିଆଯାଇଥିଲା ।

ବର୍ଗଡ଼୍ ଧନୁଯାତ୍ରା        ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ର ବିଶ୍ୱପ୍ରସିଦ୍ଧ ୭୭ ନମ୍ବର୍ ଧନୁଯାତ୍ରା ମହୋତ୍ସବ୍ ଗଲାକାଏଲ୍ ମୁଲ୍ ହେବାର୍ସଙ୍ଗେ ସହର୍ଥି ମହାରାଜ୍ କଂସଙ୍କର୍ ରାଜୁତି ମୁଲ୍ ହେଇଯାଇଛେ । ହାଟ୍ପଦା ଠାନେ ବନାହେଇଥିବା ରାଜ୍ଦର୍ବାର୍  ନ ଗଲା ସଞ୍ଜ୍ବେଲା ସାଢ଼େ ୭ ବଜେ ବର୍ଗଡ଼୍ ଲୋକ୍ସଭା ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଆର୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗ୍ ଦେଇକରି ମହୋତ୍ସବ୍ ଉଦ୍ଘାଟନ୍ କରିଥିଲେ ।
ଆଏଜ୍ ସଞ୍ଜ୍ବେଲେ ଲୋକମଣ୍ଡପ୍ ପଡ଼ିଆ ଠାନେ କଂସ ମହାରାଜ୍ଙ୍କର ରଙ୍ଗମହଲ୍ ଉଦ୍ଘାଟନ୍ ହେବା । ରାତି କୃଷ୍ଣଜନ୍ମ, କୃଷ୍ଣଙ୍କୁ ଧରିକରି ବସୁଦେବଙ୍କର୍ ଗୋପପୁର ଯାତ୍ରା, ଉଗ୍ରସେନଙ୍କର୍ ସଙ୍ଗେ ଭେଟ, ବିଜୁଳିକନ୍ୟାକେ ଧରିକରି ଫିର୍ବାର୍, କଂସ - ଦୁର୍ମିଲା ରାକ୍ଷସ ଯୁଦ୍ଧବାଗିର୍ ଦୃଶ୍ୟ ଅଭିନୟ ହେବ । ଇ ଉଧେ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ନାଚ୍ଗୀତ୍ ପରିବେଷଣ୍ କର୍ବେ ।

ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍        ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ବିର୍ସାମୁଣ୍ଡା ପଡ଼ିଆଠାନେ ଆଏଜ୍‌ଠାନୁ ୨୭ ନମ୍ବର୍ ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍ ମୁଲ୍ ହେବାର୍‌କେ ଯାଉଛେ । ଇଥିର୍‌ଲାଗି ଆଏଜ୍ ସଖାଲ୍‌ବେଲା ସମ୍‌ଲେଇ ମନ୍ଦିର୍ ନ ପୂଜା ଉତ୍‌ରୁ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ସହର୍ ପରିକ୍ରମା କରିକରି ଗଙ୍ଗାଧର୍ ମଣ୍ଡପ୍‌ତକ୍ ଯିବା । ବେଲ୍‌ବୁଡ଼େ ମହୋତ୍ସବ୍‌କେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଅବ୍‌ସରେ ପଲ୍ଲିଶ୍ରୀ ମେଳା ଆର୍ ଫଟୋଚିତ୍ର ପ୍ରଦର୍ଶନୀ ଭିଲ୍ ହେବା ।

ପାଣିପଂଚାୟତ୍  ପକ୍ଷ          ଆର୍‌ଏନ୍‌ୟୁ /ସମ୍ବଲପୁର/ବୌଦ୍ଧ

ରାଜ୍ୟ ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ପାଣିପଂଚାୟତ୍ ପକ୍ଷ ପାଲନ୍ ଅବ୍‌ସରେ ରାଜ୍ୟର୍ ସବୁ ଜିଲ୍ଲାଥି ୨ ନମ୍ବର୍ ଖେପେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଇଛେ । ପାଏନ୍‌କେ ବଂଚାବାର୍, ଭାଗ୍‌ବଂଟା ଦିଗେ  ଚାଷୀମାନ୍‌କର୍ ଅବଦାନ୍‌କେ ମାଏନ୍‌ତା ଦେବାର୍‌କେ ସଚେତନ୍ କର୍‌ବାର୍ ଲାଗି ପାଣି ପଂଚାୟତ୍ ପକ୍ଷ ପାଲନ୍ କରାଯାଏସି ।

ବୌଦ୍ଧ ଜିଲ୍ଲା ଜଲ୍ସମ୍ପଦ୍ ବିଭାଗ୍ ତର୍ଫୁ ପାଣି ପଂଚାୟତ୍ ପକ୍ଷ ପାଲିତ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ପାଏନ୍ର ନୁକ୍ସାନ୍କେ ରୁକ୍ବାର୍ ଲାଗି ଜଲ୍ ବଂଟନ୍ର ଠିକ୍ ପରିଚାଲନା ବାବ୍ଦେ ଅତିଥି ମାନେ ସୂଚ୍ନା ଦେଇଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍ଏନ୍ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ୨ ଟା ମେଚ୍ ଖେଲାଯିବା । ରାଉର୍କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ସଞ୍ଜ୍ବେଲା ୬ ବେଲା ଦିଲ୍ଲୀ ଏସ୍.ଜି. ପାଇପର୍ସ ଆର୍ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍ରେ ମେଚ୍ ହେବା । ୨ ନମ୍ବର୍ ମେଚ୍ ରାତିର୍ ୮ ବାଜିକରି ୧୫ ମିନିଟ୍ଥି ହାଇଦ୍ରାବାଦ ତୋଫାନ୍ସ ଆର୍ ଟିମ୍ ଗୋନାସିକା ଭିତ୍ରେ ହେବା ।
ଗଲାକାଏଲ୍ ହେଇଥିବା ମେଚ୍ଥି ତାମିଲ୍ନାଡୁ ଡ୍ରାଗନ୍ସ ପେନାଲ୍ଟି ସୁଟ୍ଆଉଟ୍ ଜରିଏ ବେଦାନ୍ତ କଳିଙ୍ଗ ଲାନ୍ସର୍ସକେ ୬-୫ ଗୋଲ୍ଥି ହରେଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲ୍ପୁର୍

ରାଏଜେ ଆଏବା ୨ ଦିନ୍ ତକ୍ ଜବର୍ ଥଣ୍ଡା ଜାରି ରହେବା । ସୁନ୍ଦରଗଡ୍, ଝାରସୁଗୁଡ଼ା, କନ୍ଧମାଲ୍ ଆର୍ କୋରାପୁଟ୍ ଜିଲ୍ଲା ନ ବହଲିଆ କୁହୁଡ଼ି ଲାଗି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ଗଲାକାଏଲ୍ ରାଜ୍ୟର୍ ୫ ଟା ସହରର୍ ସବୁନୁ କମ୍ ତାପମାତ୍ରା ୧୦ ଡିଗ୍ରୀ ତଲେ ରହିଥିଲା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ ।